To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

୮ରେ କର୍ଣ୍ଣାଟକ ନିର୍ବାଚନୀ ମଇଦାନକୁ ଓହ୍ଲାଇବେ ସୋନିଆ

R.N.I. No.-42041/83 Vol-15, Issue No.301, ଭଦ୍ରକ, ସୋମବାର, ୭, ମଇ ୨୦୧୮ ■ Bhadrak, Monday, 7 May 2018 Rs. 2.00 Pages-8

ଆଜି ମାଟ୍ରିକ୍ ରେଜଲ୍ଟ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
BOARD OF SECONDARY EDUCATION, ODISHA
CUTTACK-1

- ଛାତ୍ରଛାତ୍ରୀଙ୍କ ମଧରେ ଉତ୍ସାହ
- ସକାଳ ୯ରେ ବୋର୍ଡ କାର୍ଯ୍ୟାଳୟରେ ପ୍ରକାଶ ପାଇବ
- ଦିନ ୧୨ରୁ ଇଣ୍ଟରନେଟ୍‌ରେ ଉପଲବ୍ଧ

ଭୁବନେଶ୍ୱର, ୦୬ ମେ (ଖବର ଓଡ଼ିଶା): ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତାକାଲି ପ୍ରକାଶ ପାଇବ । ଏ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଉଛି । ସୋମବାର ସକାଳ ୯ଟାରେ ବୋର୍ଡ କାର୍ଯ୍ୟାଳୟରେ ଫଳାଫଳ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ବୋର୍ଡ ଦ୍ୱାରା ଦିଆଯାଇଥିବା ୱେବ୍‌ସାଇଟ୍ ଲିଙ୍କ୍ www.bseodisha.nic.in ଏବଂ www.orissaresults.nic.in ମାଧ୍ୟମରେ ନିଜର ଫଳାଫଳ ଦେଖି ପାରିବେ । ବୋର୍ଡର ସୂଚନାକ୍ରମେ, ଆସନ୍ତାକାଲି ଦିନ ୧୨ଟାରୁ ଉପରୋକ୍ତ ୱେବସାଇଟରେ ରେଜଲ୍ଟ ଉପଲବ୍ଧ ହେବ । ଇଣ୍ଟରନେଟ୍ ଉପଲବ୍ଧ ନଥିବା ଅଞ୍ଚଳରେ ଛାତ୍ରଛାତ୍ରୀମାନେ ଏସଏମଏସ ଜରିଆରେ ନିଜ ରେଜଲ୍ଟ ଜାଣିପାରିବେ । ନିଜ ମୋବାଇଲ ନମ୍ବରରୁ (OR10 Space ଦେଇ Roll Number ଲେଖି ୫୬୭୬୭୫୦ କୁ ମେସେଜ ପଠାଇଦେଲେ ରେଜଲ୍ଟ ଆସିଯିବ । ସେହିଦିନ ଅପରାହ୍ନରେ ବୋର୍ଡ ୱେବ୍‌ସାଇଟରେ OMR ସିଟ୍ ମଧ୍ୟ ପିଲାମାନେ ଦେଖି ପାରିବେ । ଏଥିସହ ଛାତ୍ରଛାତ୍ରୀମାନେ ଯଦି କୌଣସି ପରୀକ୍ଷା ଫଳ ତ୍ରୁଟି ବା ଅଭିଯୋଗ କରିବାକୁ ଚାହାନ୍ତି ତେବେ ସକାଳ ୧୦ଟାରୁ ୫ଟା ମଧ୍ୟରେ ହେଲ୍ପ ଲାଇନ ନମ୍ବର ୦୬୭୧-୨୪୧୨୦୫୯ ଓ ୨୪୧୨୦୬୦ରେ ଯୋଗାଯୋଗ କରିପାରିବେ । ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଫେବୃଆରୀ ୨୮ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୨୮୮୭ଟି କେନ୍ଦ୍ରରେ ମୋଟ ୬ଲକ୍ଷ ୮ ହଜାର ୬୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ମାର୍ଚ୍ଚ ୨୦ ତାରିଖରୁ ୬୦ଟି କେନ୍ଦ୍ରରେ ଖାତା ଦେଖା ଆରମ୍ଭ ହୋଇ ଏପ୍ରିଲ ପ୍ରଥମ ସପ୍ତାହ ଯାଏ ଚାଲିଥିଲା ।

ମହିଳା ମାଓବାଦୀର ଆତ୍ମ ସମର୍ପଣ

ମାଲକାନଗିରି,୬।୫ (ସକାଳ ଖବର): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ଚିନ୍ତାପାଲ୍ଲି ଡିଏସପି ଅନିଲ କୁମାରଙ୍କ ନିକଟରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ **(ପୃଷ୍ଠା-୭)**

କ୍ୟାପିଟାଲ ପୋଲିସ ଷ୍ଟେସନ ପରିସରରେ ଥିବା ବାରାକରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୬।୫ (ସକାଳ ଖବର): ଆଜି କ୍ୟାପିଟାଲ ପୋଲିସ ଷ୍ଟେସନ ପରିସରରେ ଥିବା ବ୍ୟାରାକରେ ଅଗ୍ନିକାଣ୍ଡ ଘଟି କିଛି ଆସବାବ ପତ୍ର ପୋଡି ନଷ୍ଟ ହୋଇ ଯାଇଛି । ଥାନା ଆଇଆଇସି ମାନସ ଗଡନାୟକଙ୍କ କହିବା ଅନୁସାରେ ଏହି ଘଟଣାରେ ଜଣେ କର୍ମଚାରୀ ଆହତ ହୋଇଛନ୍ତି ଓ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରା ଯାଇଛି । ଅଗ୍ନିଶମ ସଂସ୍ଥା ଘଟଣା ସ୍ଥଳରେ ପହଂଚିବା ପରେ ନିଆଁକୁ ଆୟତ କରିଥିଲେ । ଫ୍ୟାନ ସଟ ସର୍କିଟ ଯୋଗୁ ଏହା ଘଟିଥାଇ ପାରେ ବୋଲି ଶ୍ରୀ ଗଡନାୟକ ପ୍ରକାଶ କରିଛନ୍ତି ।

ମିଶନ୍ ଅଲ୍‌ଆଉଟ୍‌କୁ ବଡ଼ ସଫଳତା

ବୁର୍‌ହାନ୍ ୱାନିର ଗ୍ୟାଙ୍ଗ ସଫା

- ସୁରକ୍ଷାବଳଙ୍କ ଗୁଳି ମାଡ଼ରେ ୫ ଆତଙ୍କୀ ନିହତ
- ମୃତ ଆତଙ୍କୀଙ୍କ ମଧରେ ପ୍ରଫେସର ବଟ୍ଟ ସାମିଲ
- ୩୬ ଘଣ୍ଟା ପୂର୍ବରୁ ଆତଙ୍କୀ ସଂଗଠନରେ ଯୋଗ ଦେଇଥିଲେ
- ୧୫ଦିନ ମଧରେ ବହୁ ଆତଙ୍କୀଙ୍କୁ ନିପାତ କଲାଣି ସେନା

ମହମ୍ମଦ ରଫି ବଟ୍ଟ

ଶ୍ରୀନଗର, ୬।୫ : କାଶ୍ମୀର ଘାଟିରେ ମିଶନ ଅଲଆଉଟ୍ ଆଧାରରେ ସୁରକ୍ଷାବଳଙ୍କୁ ରବିବାର ବହୁତ ବଡ଼ ସଫଳତା ମିଳିଛି । ଜାମ୍ମୁ ଓ କାଶ୍ମୀର ସୋପିଆନରେ ସୁରକ୍ଷା ବଳ ଓ ହିଜବୁଲ ମୁଜାହିଦ୍ଦୀନ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ବୁରହାନ୍ ୱାନୀ ଗ୍ୟାଙ୍ଗର ଟପ୍ କମାଣ୍ଡରଙ୍କ ସମେତ ୫ ଆତଙ୍କବାଦୀ ନିହତ ହୋଇଛନ୍ତି । ମୃତ୍ୟୁ ଘଟିଥିବା ଆତଙ୍କବାଦୀଙ୍କ ମଧ୍ୟରେ କାଶ୍ମୀର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ମହମ୍ମଦ ରଫି ବଟ୍ଟ ମଧ୍ୟ ସାମିଲ ଅଛନ୍ତି । କୁହାଯାଉଛି ବଟ୍ଟ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ । ଏହା ମଧ୍ୟ ଖବର ରହିଛି ଯେ ବଟ୍ଟ ୩୬ ଘଣ୍ଟା ପୂର୍ବରୁ ଆତଙ୍କୀ ସଂଗଠନରେ ଯୋଗ ଦେଇଥିଲେ । ଆତଙ୍କୀ ଗତିବିଧି ମଧ୍ୟରେ ବଟ୍ଟଙ୍କ ସଂଶ୍ଳିଷ୍ଟତା ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା । ଏହି କ୍ରମରେ ରବିବାର ସୋପିଆନର ବାଡିଗାମ ଗାଁରେ ହୋଇଥିବା ଏନକାଉଣ୍ଟରରେ ବଟ୍ଟଙ୍କ ମୃତ୍ୟୁ ଘଟିଛି । ବଟ୍ଟ କେନ୍ଦ୍ରୀୟ କାଶ୍ମୀରର ଗାନ୍ଦରବଲ ଜିଲ୍ଲାର ଚୁଣ୍ଡୁମା ଗାଁର ବାସିନ୍ଦା ଅଟନ୍ତି । ସେ କାଶ୍ମୀର ବିଶ୍ୱବିଦ୍ୟାଳୟରେ ସମାଜଶାସ୍ତ୍ର ବିଭାଗରେ ଚୁକ୍ତିଭିତ୍ତିକ ଅଧ୍ୟାପକ ଥିଲେ । କୁହାଯାଉଛି ବଟ୍ଟ ଶୁକ୍ରବାର ଅପରାହ୍ନ ୩ଟା ୩୦ରୁ ନିଖୋଜ ଥିଲେ । ସେହିଦିନ ସେ ନିଜ ମାଙ୍କ ସହିତ ଶେଷ ଥର କଥା ହୋଇଥିଲେ ଏବଂ **(ପୃଷ୍ଠା-୭)**

କ୍ୟାନସର ରୋଗୀଙ୍କ ପାଇଁ ଖୁସି ଖବର

ଚିକିତ୍ସା ପାଇଁ ବାହାରକୁ ଯିବାକୁ ପଡ଼ିବନି

- ଓଡ଼ିଶା କମ୍ପ୍ରିହେନ୍‌ସିଭ୍ କ୍ୟାନସର କେୟାର ପ୍ରୋଗ୍ରାମ
- ଓଡ଼ିଶା ସରକାର ଓ ଟାଟା ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ
- ୩୦ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗର ପରୀକ୍ଷା ହେବ
- ମାଗଣା କେମୋଥେରାପି ସୁବିଧା ମିଳବ

ଭୁବନେଶ୍ୱର, ୬।୫ (ସକାଳ ଖବର): କ୍ୟାନସର ରୋଗୀମାନଙ୍କ ନିମନ୍ତେ ସୁଖବର । ଚିକିତ୍ସା ପାଇଁ ସେମାନଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବନି । ରାଜ୍ୟରେ କ୍ୟାନସର ରୋଗୀମାନଙ୍କ ନିମନ୍ତେ ସୁଲଭ ଓ ଗୁଣାତ୍ମକ ଚିକିତ୍ସା ତଥା ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଅଙ୍ଗୀକୃତ ଓଡ଼ିଶା ସରକାର ଏବଂ ଟାଟା ଟ୍ରଷ୍ଟସ୍ ମଧ୍ୟରେ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଓ ଟାଟା ଟ୍ରଷ୍ଟସ୍‌ର ଚେୟାରମ୍ୟାନ ଶ୍ରୀ ରତନ ଏନ୍. ଟାଟାଙ୍କ ଉପସ୍ଥିତିରେ ଆଜି ସନ୍ଧ୍ୟାରେ ସଚିବାଳୟସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଟାଟା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଆର୍. ଭେଙ୍କଟରମଣନ୍ ଓ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡ. ପ୍ରମୋଦ କୁମାର ମେହେର୍ଦା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ସ୍ୱାକ୍ଷର ଅନୁଯାୟୀ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ଚିକିତ୍ସାର ସୁବିଧା ଉପଲବ୍ଧ କରିବା ଲାଗି ୨୫ ଏକର ପରିମିତ ଜମିରେ ଆପେକ୍ସ କ୍ୟାନସର କେୟାର ସେଂଟର କରାଯିବ । ଏହି ଜମି ମାଗଣାରେ ଯୋଗାଇ ଦିଆଯିବ । କର୍କଟ ରୋଗର ଚିକିତ୍ସା ପାଇଁ ସ୍ୱଳ୍ପ ଅର୍ଥ ବ୍ୟୟ କରିବାକୁ ପଡ଼ିବ । ଯାହା ଫଳରେ କର୍କଟରୋଗୀମାନଙ୍କୁ ବମ୍ବେ କିମ୍ବା କଲିକତା ଯିବାକୁ ପଡ଼ିବ ନାହିଁ କି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ । କଟକସ୍ଥିତ ଆଚାର୍ଯ୍ୟ ହରିହର ଆଂଚଳିକ କର୍କଟ କେନ୍ଦ୍ରକୁ ଆଧୁନିକିକରଣ କରାଯିବ । ସେହିପରି ନିର୍ଦ୍ଦିଷ୍ଟ ମେଡ଼ିକାଲ କଲେଜ ହସପିଟାଲ ଗୁଡ଼ିକରେ ମଧ ଏହି ରୋଗର ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ । ରାଜ୍ୟରେ ଥିବା ମେଡ଼ିକାଲ କଲେଜ୍ ଓ ଜିଲ୍ଲା ସଦର ଡ଼ାକ୍ତରଖାନାମାନଙ୍କରେ ଭିତିଭୂମିକୁ ଅଧିକ ଉନ୍ନତ କରାଯିବା ସହିତ ରାଜ୍ୟର ୩୦ଟି ଯାକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗର ପରୀକ୍ଷା ଓ ପ୍ରାଥମିକ ନିରୂପଣ ସହିତ ମାଗଣା କେମୋଥେରାପି ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଓଡ଼ିଶା କମ୍ପ୍ରିହେନ୍‌ସିଭ୍ କ୍ୟାନ୍‌ସର କେୟାର ଯୋଜନା (ଓଡ଼ିଶା ସୁବିସ୍ତୃତ କର୍କଟ ରୋଗ ଚିକିତ୍ସା କାର୍ଯ୍ୟକ୍ରମ) ଏକ ପ୍ରଭାବଶାଳୀ ଓ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ରାଜ୍ୟବାସୀଙ୍କ କଲ୍ୟାଣ ଦିଗରେ **(ପୃଷ୍ଠା-୭)**

ଅଦିନିଆ ବର୍ଷାରେ ଚାଷୀଙ୍କ ସଙ୍କଟ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ପତ୍ର

ଓଡ଼ିଶା ଚାଷୀଙ୍କୁ ସାହାଯ୍ୟ ଓ ସମର୍ଥନ ଯୋଗାଇଦିଅ

ଭୁବନେଶ୍ୱର, ୬।୫ (ସକାଳ ଖବର): ରାଜ୍ୟରେ କାଳବୈଶାଖୀ, ଅଦିନିଆ ବର୍ଷା ଓ କୁଆ ପଥର ମାଡ କାରଣରୁ ବ୍ୟାପକ ଅଂଚଳରେ ଫସଲହାନୀ ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କୃଷି ମନ୍ତ୍ରୀ ରାଧାମୋହନ ସିଂହ ବ୍ୟକ୍ତିଗତ ଭାବେ ଏହି ପରିସ୍ଥିତିର ସମୀକ୍ଷା କରି ପ୍ରତ୍ୟକ୍ଷ ହସ୍ତକ୍ଷେପରେ ଚାଷୀ ମାନଙ୍କୁ ଆବଶ୍ୟକୀୟ ସାହାଯ୍ୟ ଓ ସମର୍ଥନ ଯୋଗାଇ ଏହି ପରିସ୍ଥିତିରୁ ଚାଷୀ ମାନଙ୍କୁ ବାହାର କରିବାକୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । କେନ୍ଦ୍ର କୃଷି ମନ୍ତ୍ରୀ ରାଧାମୋହନ ସିଂହଙ୍କୁ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଜଣାଇଛନ୍ତି ଯେ ଏହି ପ୍ରାକୃତିକ ବିପର୍ଯ୍ୟୟ ଗୁଡିକ ଯୋଗୁ ଫସଲହାନୀର ସଠିକ ଆକଳନ ହୋଇ ନ ଥିଲେ ମଧ୍ୟ ହଜାର- ହଜାର ଏକରରେ ଫସଲ ନଷ୍ଟ ହୋଇଛି । ରାଜ୍ୟର ଛଅଟି ଜିଲ୍ଲା ଯଥା ବରଗଡ, ଯାଜପୁର, ସୋନପୁର, ଢେଙ୍କାନାଳ, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ କ୍ଷୟକ୍ଷତିର ମାତ୍ରା ଅଧିକ ଥିବା ଆକଳନ କରା ଯାଇଛି ।

ଉପରୋକ୍ତ ଜିଲ୍ଲା ମାନଙ୍କ ମଧ୍ୟରୁ କିଛି ଜିଲ୍ଲାର କିଛି ଅଂଶ ଗରୀବ ଅଧ୍ୟୁଷିତ ହୋଇଥିବା କାରଣରୁ ଫସଲ ହାନୀ ସେ ଅଂଚଳର ଅର୍ଥନୀତିକୁ ଖରାପ ଭାବେ ପ୍ରଭାବିତ କରିବ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଲେଖିଛନ୍ତି ।

ଏପରି ପରିସ୍ଥିତିରେ ଚାଷୀ ମାନେ ଚରମ ପଦକ୍ଷେପ ନେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ଘଟଣା ସାମନାକୁ ଆସିଛି । ଅନ୍ୟୁନ ଦୁଇ ଜଣ ଚାଷୀ ଆତ୍ମହତ୍ୟା ପାଇଁ ଉଦ୍ୟମ **(ପୃଷ୍ଠା-୭)**

ମାଓବାଦୀରୁ କନେଷ୍ଟବଲ ହୋଇଥିବା ଯୁବକକୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୦୬ ମଇ (ହି.ସ.)- ସୀମାନ୍ତ ଛତିଶଗଡ଼ ରାଜ୍ୟ ରାଜ ନନ୍ଦଗାଁବ ଥାନା ସଡ଼କ ବଢ଼ାରି ଗ୍ରାମରେ ମାଓବାଦୀମାନେ ପୋଲିସ ନିକଟରେ ମାଓ ସଂଗଠନ ଛାଡ଼ି ଅତ୍ମ ସମର୍ପଣ କରି କନେଷ୍ଟବଲ ଭାବେ ନିଯୁକ୍ତି ପାଇଥିବା ଗଣେଶ୍ୱର ସିଂଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିବା ବେଳେ ମାଓବାଦୀଙ୍କ ଗୁଳିରେ ବ୍ରୁଜଭାନ ନାମକ ଯୁବକ ଆହତ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ ମାଓ ସଂଗଠନରେ ଅତିଷ୍ଠ ହୋଇ ୨୦୧୧ ମସିହାରେ ମାଓ ସଂଗଠନ ଛାଡ଼ି ଗଣେଶ୍ୱର ଆତ୍ମ ସମର୍ପଣ କରିଥିଲା ପାଂଚ ବର୍ଷ ଧରି ମାଓ ଅପରେସନରେ ପୋଲିସ ସହ କାମ କରିବା ପରେ ତାକୁ ୨୦୧୬ ମାର୍ଚ୍ଚ ୧ରେ କନେଷ୍ଟବଲ ଭାବେ ନିଯୁକ୍ତି ଦିଆଯାଇଥିଲା । ସେ ସମ୍ପର୍କୀୟ ଭାଇର ବାହାଘରରେ ସାମିଲ ହେବା ପାଇଁ ଗାଁକୁ ଯାଇଥିବା ବେଳେ ସାଧା ପୋଷାକରେ ଆସି ତିନିଜଣ ମାଓବାଦୀ ଗୁଳି କରିଥିଲେ । ଏହି ଗୁଳିରେ ସେଠାରେ ଥିବା ବ୍ରୁଜଭାନ ନାମକ ଯୁବକ ଆହତ ହୋଇଥିଲା । ଉଭୟଙ୍କୁ ଆହତ ଅବସ୍ଥାରେ ଛୁରିଆ ଅଣାଯିବା ବେଳେ ବାଟରେ ଗଣେଶ୍ୱରର ମୃତ୍ୟୁ ହୋଇଥିଲା । ଆହତ ବ୍ରୁଜଭାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।


ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୫.୫.୧୮)
୨,୦୪,୦୩୬

୬ ଭାରତୀୟ ଅପହରଣ

କାବୁଲ, ୬।୫ : ଆଫଗାନିସ୍ଥାନରେ ବାଗଲାନ୍ ପ୍ରାନ୍ତରୁ କିଛି ଅଜ୍ଞାତ ବନ୍ଧୁକଧାରୀ ଏକ ଭାରତୀୟ କମ୍ପାନି କେଇସିର ୭ଜଣ କର୍ମଚାରୀଙ୍କୁ ରବିବାର ଅପରାହ୍ନରେ ଅପହରଣ କରି ନେଇଥିବା ସୂଚନା ମିଳିଛି । ଅପହରଣ ହୋଇଥିବା ୭ଜଣ କର୍ମଚାରୀ ମଧ୍ୟରୁ ୬ଜଣ ଭାରତୀୟ ଥିବା ବେଳେ ଜଣେ ଆଫଗାନିସ୍ଥାନର ନାଗରିକ ବୋଲି କୁହାଯାଉଛି ।ସୂଚନାଯୋଗ୍ୟ, ବନ୍ଧୁକଧାରୀ ବାଗଲାନ୍ ପ୍ରାନ୍ତର ରାଜଧାନୀ ପୁଲ-ଏ- ଖୋମରେର ବାଗ-ଏ-ସାମଲ ଗ୍ରାମରୁ ୭ଜଣ କର୍ମଚାରୀଙ୍କୁ ଅପହରଣ କରି ନେଇଛନ୍ତି । ସ୍ଥାନୀୟ ଅଧିକାରୀଙ୍କ ମୁତାବକ, ଏହି ଘଟଣା ସେତେବେଳେ ଘଟିଲା ଯେତେବେଳେ କର୍ମଚାରୀ ଏକ ମିନି ବସ୍‌ରେ ସ୍ଥାନୀୟ ଅଞ୍ଚଳରେ ଭ୍ରମଣ କରୁଥିଲେ । ଯେଉଁଠାରେ ସ୍ଥାନୀୟ କମ୍ପାନିକୁ ଏକ ଇଲେକ୍ଟ୍ରିସିଟି ସବ୍-ଷ୍ଟେସନ୍‌ର କଣ୍ଟ୍ରାକ୍ଟ ମିଳିଛି । ବାଗଲାନ୍ ପ୍ରାନ୍ତରେ ଘଟିଥିବା ଏହି ଘଟଣା ପଛରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍‌ର ହାତ ଥିବା ସନ୍ଦେହ କରାଯାଉଛି । କିନ୍ତୁ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏନେଇ କୌଣସି ବୟାନ ଆସିନାହିଁ କି ଏଯାବତ୍ କୌଣସି ଆତଙ୍କବାଦୀ ସଙ୍ଗଠନ ଏହି ଘଟଣାରେ ସାମିଲ ଥିବା ନେଇ ସ୍ପଷ୍ଟ ହୋଇ ପାରିନାହିଁ ।

ତାଲିବାନୀ ଆତଙ୍କବାଦୀଙ୍କ କାର୍ଯ୍ୟ ସନ୍ଦେହ

ଛାତ୍ରୀଙ୍କ ଝୁଲନ୍ତା ଶବ ଉଦ୍ଧାର ପ୍ରସଙ୍ଗ

ଥାନା ଦୁଆରେ ଶବ ରଖି ଅଭିଯୁକ୍ତଙ୍କ ଗିରଫ ଦାବି

ଅଭ୍ୟର୍ଥନା ପ୍ରକୋଷ୍ଠ

ତିହିଡି, ୬।୫ (ସକାଳ ଖବର):ଭଦ୍ରକ ଜିଲ୍ଲା ତିହିଡି ଥାନା ଶଁପଡା ପଞ୍ଚାୟତ ଅଧିନ ଚିଲପଦାର ଗାଁର ଜଣେ ୧୦ମ ଶ୍ରେଣୀ ଛାତ୍ରୀର ଝୁଲନ୍ତା ଶବ ଉଦ୍ଧାର ଘଟଣା ସଂପ୍ରତି ତିହିଡିରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଘରକୁ ଆଣିବା ବାଟରେ ରବିବାର ଦିବା ପ୍ରାୟ ୨ ଘଟିକାରେ ତିହିଡି ଥାନା ଦୂଆରେ ଶବ ରଖି ଏକ ଅଭିନବ ଉପାୟରେ ଅଭିଯୁକ୍ତଙ୍କ ଗରିଫ୍ ଦାବୀ କରାଯାଇଛି । ୨ ଦିନ ଧରି ଘଟଣା ଘଟିଥିଲେ ମଧ୍ୟ ପୋଲିସ୍ କୌଣସି ପଦକ୍ଷେପ ନେଇନଥିବା ଓ ସଠିକ୍ ଭାବେ ତଦନ୍ତ କରୁନଥିବା ଆଦି ନାରାବାଜି କରି ମୃତାଙ୍କ ପରିବାର ଓ ଗ୍ରାମବାସୀ ପ୍ରମୁଖ ଶତାଧିକ ପୁରୁଷ ଓ ମହିଳାମାନେ ସାମିଲ ହୋଇ ପ୍ରାୟ ୩ ଘଣ୍ଟା କାଳ ଥାନା ପରିସରରେ ଏହିପରିଭାବେ ପ୍ରତିବାଦ କରିଥିଲେ। ତିହିଡି ପୋଲିସକୁ ଏନେଇ ନାକେଦମ ହେବାକୁ ପଡିଛି। ଉତ୍ୟକ୍ତ ଲୋକେ କାହାରି କଥା ଶୁଣିବାକୁ ନାରାଜ ଥିଲେ । କେବଳ ଗୋଟିଏ ସ୍ୱର ଛାତ୍ରୀଙ୍କ ଅପରହରଣ କରି ହତ୍ୟା କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ୍ କରାଯାଉ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ଏସପି ଜଳଧର ଜଳି ଓ ଅତିରିକ୍ତ ଏସପି କୈଳାଚନ୍ଦ୍ର ପରିଡାଙ୍କ ସହ ୨ ପ୍ଲାଟୁନ୍ ପୋଲିସ ପ୍ରତିବାଦ ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ସହ ପୋଲିସ ପକ୍ଷରୁ ଆରଡିରୁ ମୁଖ୍ୟ ଅଭିଯୁକ୍ତକୁ ଧରିବା ପରେ ଭଦ୍ରକ ଟାଉନଥାନାରେ ଅଟକ ରଖାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରିସ୍ଥିତିକୁ ମୁକାବିଲା କରିବାକୁ ମାଜିଷ୍ଟ୍ରେଟଭାବ ତିହିଡି ଅତିରିକ୍ତ ତହସିଲଦାର ଦେବାଶିଶ ମହାପାତ୍ର ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଚଳିତ ମାସ ୪ ତାରିଖ ରାତିରୁ ଚିଲପଦା ଗାଁର ରମେଶ ମଲିକଙ୍କ ନାବାଳିକା ଝିଅ ଘରୁ କୁଆଡେ ଉଭାନ୍ ହୋଇ ଯାଇଥିଲେ। ରାତିସାରା ଓ ୫ ତାରିଖ ସକାଳେ ସେମାନେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାର ପତ୍ତା ମିଳିନଥିଲା। ମଧ୍ୟାହ୍ନରେ ଜାଣିବାକୁ ପାଇଲେ ଯେ ତାଙ୍କର ଝିଅର ଝୁଲନ୍ତା ଶବ ସ୍ଥାନୀୟ ଚକରାସାହି ଓ ବଙ୍ଗାଳିଦପା ଗାଁ ମଝି ତଥା କେନାଲ ହୁଡା ନିକଟସ୍ଥ ଏକ ଗଛରେ ଝୁଲୁଛି। ପରେ ସେମାନେ ଜାଣିବାକୁ ପାଇଲେ ଯେ, ସ୍ଥାନୀୟ ଗାଁର ନୁଖୁରା ଦାସ, ସୁକୁରା ଦାସ, ଉମାକାନ୍ତ ଦାସ ଓ ଛୁଟି ପ୍ରମୁଖ ଯୋଜନାବଦ୍ଧ ଭାବେ ଘରୁ ଅପହରଣ କରି ନେଇ ଏହିପରି ହତ୍ୟା କରିଛନ୍ତି। କ୍ଷେତ୍ରୀୟ ତଦନ୍ତ କରିବା ସହ ସତ୍ୟା ସତ୍ୟର ସଠିକ ପ୍ରମାଣ ଅନୁଯାଇ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ ତଥା ଆଇନ୍‌ଗତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରମେଶ **(ପୃଷ୍ଠା-୭)**

द्वितीय श्रेणी
SECOND CLASS

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick